# MODEL QUESTION PAPER
## PART-II (Second Language) ORIYA PAPER - I

**Time 3 Hours** **Marks : 100**

ନିର୍ଦ୍ଦେଶ : ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ । ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ ।

1. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ । ..............10 X1 =10

(କ). ସତ୍ୟ ଆମ୍ବ କଥା କବିତା ଆଧାରରେ ପାଣ୍ଡବ ମାନଙ୍କ ସତ୍ୟନିଷ୍ଠାର ପରିଚୟ ପ୍ରଦାନ କର ।

(ଖ). ସରସିରେ ରାଜତନ୍ୟା କବିତା ଅବଲମ୍ବନରେ ଉପେନ୍ଦ୍ରଭଞ୍ଜଙ୍କ କବିତ୍ୱ ଓ ପାଣ୍ଡିତ୍ୟର ପରିଚୟ ଦିଅ ।

2. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ । ...............10 X1 =10

(କ) ଗ୍ରାମ୍ୟଜୀବନର ନିଖୁଣ ଚିତ୍ର ପ୍ରଦାନରେ ଫକୀରମୋହନଙ୍କ ଅସୁରଦୀଘି ଏକ ସଫଳ ସୃଷ୍ଟି -ବିଚାରକର ।

(ଖ). ଜୀନ୍ ସଂପର୍କିତ ଗବେଷଣା ସମଗ୍ର ବିଶ୍ୱକୁ ଅଭିଭୂତ କରିଅଛି - ପଠିତ ପ୍ରବନ୍ଧରୁ ଏହାର ବିଚାର କର ।

3. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏ**ର ସରଳାର୍ଥ ଲେଖ । 5x1=5

(କ). କରେ ପଡି କରେ ସଢିଯାଉଅଛି ତରତର ହୋଇ ଚିତ୍ତ ।
ପାପ ଦୁଃଖ ଭାର ନଖଣ୍ଡିଲେ ମୋର ଅଣାକାର ଅବ୍ୟକତ ।

(ଖ). କୃଷ୍ଣ ବିକଳ ଦେଖି ମାତା । ଛାଟ ପକାଇ କଲେ ଚିନ୍ତା ।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏ**ର ସରଳାର୍ଥ ଲେଖ । 5x1=5.

(କ). କିନ୍ତୁ ସମଗ୍ର ଭାରତରେ କେବଳ ସେହି ଗୋଟିଏ ସ୍ୱର ଶୁଣିଲି - ଓଡିଶା ବହୁତ୍ ଗରିବ ଦେଶ ହେ ।

(ଖ). ଅଣ୍ଡର ଗ୍ରାଡ୍ୟୁୟେଟ୍ ଗ୍ରନ୍ଥାଗାରର ରେଫରେନ୍ସ୍ ବିଭାଗରେ ଲେଖା ଅଛି - ଏ ଅଞ୍ଚଳରେ ପ୍ରବଳ ଚୋରି ହୁଏ, ବିନା ନଜରରେ ନିଜ ଜିନିଷ ପତ୍ର ଛାଡି ଜାଆନ୍ତୁ ନାହିଁ ।

5. ଯେ କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି ବାକ୍ୟ** ମଧ୍ୟରେ ପ୍ରଦାନ କର । 2x4=8.

(କ). ସତ୍ୟ ଆମ୍ବ କିପରି ଫଳିବ ବୋଲି ଗୋବିନ୍ଦ କହିଲେ ?

(ଖ). ଭଗବାନ କୃଷ୍ଣ ମାତାଙ୍କୁ କିପରି ଦୟା କଲେ ?

(ଗ). ମାଛ ମାନେ କାହିଁକି ଗଭୀର ଜଳରେ ପ୍ରବେଶ କଲେ ?

(ଘ). କବି ବଣରେ ବୁଲୁଥିବା ବେଳେ ଆକାଶକୁ ଚାହିଁ କଣ ଭାବୁଥିଲେ ?

(ଙ). ବିଷ ଠାରୁ କଡା ଓ ଅମୃତ ଠାରୁ ମଧୁର କିଏ ?

6. ଯେ କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି ବାକ୍ୟ** ମଧ୍ୟରେ ପ୍ରଦାନ କର । 2x4=8.

(କ). ଅସୁର ଦୀଘିର ଦକ୍ଷିଣ ତୁଠକୁ କାହିଂକି କେହି ଜାଆନ୍ତି ନାହିଁ ?

(ଖ). ଦୁର୍ଭିକ୍ଷ ସଂପର୍କରେ ମାଦଳା ପାଞ୍ଜିରେ କଣ ଉଲ୍ଲେଖ ଅଛି ?

(ଗ). ଆମେରିକାର ନାଗରିକ ମାନଙ୍କର ବିଶେଷ ପ୍ରକୃତି କଣ ?

(ଘ). ମଣିଷ ସମାଜକୁ ନୀରୋଗ କରିବା ପାଇଁ ଜୀନ୍‌ର ଭୂମିକା କଣ ?

(ଙ). ପୁରୁଷ ମାନେ ଗାଧୋଇବା ବେଳେ କି କି ଆଲୋଚନା କରିଥାନ୍ତି ?

7. ନିମ୍ନଲିଖିତ ପ୍ରଶ୍ନ ଗୁଡିକର ଉତ୍ତର **ଗୋଟିଏ ପଦ** ବା **ବାକ୍ୟ**ରେ ପ୍ରଦାନ କର ।...... 1x5=5

(କ). ଓଡିଆ ମହାଭାରତ ରଚୟିତା ...................................................................

(ଖ). ଜଗନ୍ନାଥ ଦାସଙ୍କ ତୁମ ପଠିତ କବିତା ...........................................................

(ଗ). ଓଡିଆ ସାହିତ୍ୟରେ କବିସମ୍ରାଟ ବୋଲି କାହାକୁ କୁହାଯାଉଛି ?...........................................

(ଘ). ଶ୍ରୀ ରାଧା କାହାକୁ ଆକାଶ କୁସୁମ ବୋଲି କହିଛନ୍ତି ?...................................................

(ଙ). ଭୀମଭୋଇ କେଉଁ ଧର୍ମାବଲମ୍ବୀ ଥିଲେ ?..............................................................

8. ନିମ୍ନଲିଖିତ ପ୍ରଶ୍ନ ଗୁଡିକର ଉତ୍ତର **ଗୋଟିଏ ପଦ** ବା **ବାକ୍ୟ**ରେ ପ୍ରଦାନ କର । 1x5=5

(କ). ଅସୁରଦୀଘି ପ୍ରବନ୍ଧଟି କେଉଁ ପୁସ୍ତକରୁ ଗୃହୀତ ।...................................................

(ଖ). କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ତୁମ ପଠିତ ପ୍ରବନ୍ଧ.........................................................

(ଗ). ବୋଷ୍ଟନ୍ ସହର କେଉଁ ନଦୀକୂଳରେ ଅବସ୍ଥିତ.......................................................

(ଘ). ଡି.ଏନ୍.ଏ ର ପୁରା ନାମ ...........................................................................

(ଙ). କେଉଁ ଠାରେ ମାଇକିନିଆ ମାନଙ୍କ ହାଟ ବସେ ?................................................

9. ଏକ ମନସ୍ତାତ୍ତ୍ୱିକ ଏକାଙ୍କିକା ଭାବରେ ଦୂର ପାହାଡର ମୂଲ୍ୟାୟନ କର ।.................. 10

(କିମ୍ବା)

ମକଦ୍ଦମା ଏକାଙ୍କିକାର ନାମକରଣର ସାର୍ଥକତା ପ୍ରତିପାଦନ କର ।

10. ତୁମ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଅନୁରୋଧ କରି ଜିଲ୍ଲାପାଳଙ୍କ ନିକଟକୁ ପତ୍ର ଲେଖ । ................................5

(କିମ୍ବା)

ତୁମେ ଦେଖିଥିବା ବିଜ୍ଞାନ ମେଳା ସଂପର୍କରେ ସାନ ଭଉଣୀଙ୍କ ନିକଟକୁ ପତ୍ର ଲେଖ ।

11. (କ). ରାମକେରୀ **କିମ୍ବା** ଆଷାଢ ଶୁକ୍ଳ ଛନ୍ଦର ଲକ୍ଷଣ ଲେଖି ଉଦାହରଣ ଦିଅ ....................4

(ଖ). ରୂପକ **କିମ୍ବା** ଅନୁପ୍ରାସ ଅଳଙ୍କାରର ଲକ୍ଷଣ ଲେଖି ଉଦାହରଣ ଦିଅ । ....................4

12. କୌଣସି **ତିନୋଟିର** ସନ୍ଧି ବିଚ୍ଛେଦ କର ।..................................3

ପରୀକ୍ଷା, ନାୟକ , ନୀରସ , ଚଳଚ୍ଚିତ୍ର , ରମେଶ .

13. କୌଣସି **ତିନୋଟିର** ବିଗ୍ରହ ବାକ୍ୟ ସହ ସମାସ ନାମ ଲେଖ । .........................3

ଚକ୍ରପାଣି, ଅନୁଚିତ , ନୀଳାକାଶ, ପଞ୍ଚବଟୀ, ଧନଜୀବନ

14. କୌଣସି **ତିନୋଟିର** ଲିଙ୍ଗ ବଦଳାଅ । ................................................3

ଇନ୍ଦ୍ର, ନେତା, ପାଠୁଆ, ଶିକ୍ଷକ , ଡାକ୍ତର

15. କୌଣସି **ତିନୋଟିର** ବିପରୀତାର୍ଥବୋଧକ ଶବ୍ଦ ଲେଖ ।.............................3

ପାପ, ନୂଆ, ଦିନ, ସୁନ୍ଦର, ଉଦୟ

16. **(କ).**ଯେ କୌଣସି **ଚାରିଗୋଟି** ରୂଢିପ୍ରୟୋଗର ଅର୍ଥ ଲେଖି ବାକ୍ୟରେ ପ୍ରୟୋଗ କର ।.......4

ତିନିତୁଣ୍ଡରେ ଛେଳି କୁକୁର, କ୍ଷୀର ନୀର ସଂପର୍କ,ତୁଣ୍ଡବାଇଦ, ଚିହ୍ନା ବ୍ରାହ୍ମଣ,
କାଠିକର ପାଠ, ଗୋବର ଗଣେଶ ।

**(ଖ).** ପ୍ରଦତ୍ତ ଅନୁଚ୍ଛେଦଟିକୁ ପାଠକରି **ତଳେ ଦିଆଯାଇଥିବା ପ୍ରଶ୍ନଗୁଡିକର** ସଠିକ୍ ଉତ୍ତର ଲେଖ ।....5

ମେରିଆ ଶବ୍ଦ ଆଜି ବି ଓଡିଶାର ଗାଁ ଗହଳିରେ ଲୋକ ମୁଖରେ ରହିଛି । ଶହେବର୍ଷ ପୂର୍ବେ ଏହି ପ୍ରଥା ଆଇନ ଦ୍ୱାରା ବନ୍ଦ ହୋଇଯାଇଥିଲେ ମଧ୍ୟ ବେଳେବେଳେ ଏହି ମେରିଆ ତଥା ନରବଳୀ ଘଟଣା ଘଟିଆସିଛି । ବର୍ତ୍ତମାନ ଯୁଗର ଏହି ନରବଳୀ ଘଟଣାକୁ ଖବର କାଗଜରେ ଆମେ ନାରକୀୟ ଘଟଣା ବୋଲି ପଢୁ । କିନ୍ତୁ ଶହେ ବର୍ଷ ପୂର୍ବେ ଏହି ନରବଳୀ ପ୍ରଥା ଏକ ସାଂପ୍ରଦାୟିକ ପଦ୍ଧତିରେ ଅନୁଷ୍ଠିତ ହେଉଥିଲା । ଆଦିବାସୀ ଅଞ୍ଚଳରେ ଏହା ଏକ ଆନନ୍ଦ ଉଲ୍ଲାସ ପାର୍ବଣ ମୁହୂର୍ତ୍ତରେ ଶହ ଶହ ଜନତାଙ୍କ ସମ୍ମୁଖରେ ମଣିଷକୁ ବଳି ଦିଆ ଯାଉଥିଲା । ଏହା ଥିଲା ମେରିଆ ପ୍ରଥା । ବଳି ଦିଆଯାଉଥିବା ମଣିଷକୁ ମେରିଆ କୁହାଯାଉଥିଲା । ଏହି ନରବଳୀ ପ୍ରଥା ବିଶେଷ ଭାବରେ ଦକ୍ଷିଣ ଓଡିଶାର ଗଞ୍ଜାମ, ଫୁଲବାଣୀ ଅଞ୍ଚଳରେ ପ୍ରଚଳିତ ଥିଲା ।

**ପ୍ରଶ୍ନ ......** (କ). କେଉଁ ଅଞ୍ଚଳରେ ନରବଳୀ ପ୍ରଥା ପ୍ରଚଳିତ ଥିଲା ?

(ଖ). ଖବର କାଗଜ ଗୁଡିକରେ ଏହି ନରବଳୀ ଘଟଣାକୁ କିଭଳି ବର୍ଣ୍ଣନା କରାଯାଇଛି ?

(ଗ). ଓଡିଶାରେ ଏହି ନରବଳୀ ପ୍ରଥା କିଭଳି ଭାବରେ ଅନୁଷ୍ଠିତ ହେଉଥିଲା ?

(ଘ). ବଳି ଦିଆଯାଉଥିବା ମଣିଷକୁ କଣ କୁହା ଯାଉଥିଲା ?

(ଙ). ମେରିଆ ଶବ୍ଦର ଅର୍ଥ କଣ ?

********

Total No. of Questions : 16.

Prepared by
Sri Nityananda Patnaik,
Lecturer in Oriya,
Govt. Degree College, Ichapuram.
Srikakulam District, A.P.